1954
ମାର୍ଚ୍ଚ 12

ରାଜସ୍ଥାନ ରାଜ୍ୟ

ବନାମ

ନାଥ୍ ମଲ୍ ଏବଂ ମିଥା ମଲ୍

ମୁଖ୍ୟ ନ୍ୟାୟାଧୀଶ ମେହେର୍ ଚାନ୍ଦ୍ ମହାଜନ୍, ମୁଖାର୍ଜୀଆ, ଏସ୍. ଆର୍. ଦାସ, ଭିଭିଆନ୍ ବୋଷ୍ ଏବଂ ଗୁଲାମ୍ ହସନ୍, ନ୍ୟାୟାଧୀଶବୃନ୍ଦ]

*ଭାରତର ସମ୍ବିଧାନ, ଅନୁଚ୍ଛେଦ 19 (1) (f) ଏବଂ 31 (2)- ରାଜସ୍ଥାନ ଖାଦ୍ୟଶସ୍ୟ ନିୟନ୍ତ୍ରଣ ଆଦେଶ 1949, ଖଣ୍ଡ 25-ସମ୍ବିଧାନର କ୍ଷମତାତୀତ କରେ କି ।*

*ନିର୍ଣ୍ଣୟ ନିଆଗଲା ଯେ,* ସମ୍ବିଧାନର ଅନୁଚ୍ଛେଦ 19 ( 1) ( f) ଅନୁଯାୟୀ ରାଜସ୍ଥାନ ଖାଦ୍ୟଶସ୍ୟ ନିୟନ୍ତ୍ରଣ ଆଦେଶ, 1949ର ଖଣ୍ଡ 25ର ପ୍ରଥମ ଭାଗ, ଗଚ୍ଛିତ ଖାଦ୍ୟ ଶସ୍ୟର ଜବତ କରିବା ସମ୍ବନ୍ଧରେ ଅସିଦ୍ଧ ନୁହେଁ କାରଣ ଏହିପରି ଗଚ୍ଛିତ ଖାଦ୍ୟ ଶସ୍ୟର ଜବତ କରିବା ଆଇନର ଉଦ୍ଦେଶ୍ୟ ସହିତ ଯଥାର୍ଥ ଭାବେ ଜଡ଼ିତ, ଯଥା, ନ୍ୟାୟସଙ୍ଗତ ବଣ୍ଟନ ଏବଂ ଉଚିତ୍ ମୂଲ୍ୟରେ ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ଖାଦ୍ୟଶସ୍ୟ ଭଳି ଏକ ଅତ୍ୟାବଶ୍ୟକ ଦ୍ରବ୍ୟର ପରିବହନ, ବଣ୍ଟନ, ନିକାଶ ଏବଂ ଅଧିଗ୍ରହଣକୁ ନିୟନ୍ତ୍ରଣ କରିବା ।

ନିର୍ଣ୍ଣୟ ନିଆଗଲା ଯେ ଖଣ୍ଡ 25ର ଶେଷ ଭାଗରେ ଉଲ୍ଲେଖ ରହିଛି ଯେ, "ଏହିପରି ମହଜୁଦ୍ ଗୁଡିକ ସରକାରୀ ସଂଗ୍ରହ ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ହାରରେ ଉକ୍ତ କର୍ତ୍ତୃପକ୍ଷଙ୍କ ଆଦେଶରେ ଅଧିଗ୍ରହଣ କିମ୍ବା ନିକାଶ କରିବା ପାଇଁ ମଧ୍ୟ ଉତ୍ତରଦାୟୀ ହେବେ" ଯାହାକି ସମ୍ବିଧାନର ଉଭୟ ଅନୁଚ୍ଛେଦ 19 (1) (f) ଏବଂ ଅନୁଚ୍ଛେଦ 31 (2) ଅନୁଯାୟୀ ଅବୈଧ ଅଟେ :-

(i) କାରଣ ଏହି ଖଣ୍ଡ ବାଣିଜ୍ୟ କିମ୍ବା ବ୍ୟବସାୟ ଚଳାଇବା ଉପରେ ଏକ ଅଯୌକ୍ତିକ ପ୍ରତିବନ୍ଧକ ଲଗାଇଛି ଏବଂ ତେଣୁ ସମ୍ବିଧାନର ଅନୁଚ୍ଛେଦ 19 (1) (f) ଅନୁଯାୟୀ ଉତ୍ତରଦାତାମାନଙ୍କ ଅଧିକାରର ଉଲ୍ଲଂଘନ କରେ ;

(ii) କାରଣ ଏହି ଖଣ୍ଡ କୌଣସି ମୂଲ୍ୟରେ ମହଜୁଦ୍ ଖାଦ୍ୟଶସ୍ୟ ହାସଲ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରି କ୍ଷତିପୂରଣର ପରିମାଣ ସ୍ଥିର କରିବାରେ କିମ୍ବା କେଉଁ ନୀତି ଉପରେ ଏହା ସ୍ଥିର କରାଯିବ ତାହା ନିର୍ଦ୍ଦିଷ୍ଟ କରିବାରେ ବିଫଳ ହୁଏ ଏବଂ ଏହାର ଇଚ୍ଛାମତେ କୌଣସି କ୍ଷତିପୂରଣ ସ୍ଥିର କରିବାକୁ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷଙ୍କ ବିବେଚନା ଉପରେ ସମ୍ପୂର୍ଣ୍ଣ ଦାୟିତ୍ୱ ଛାଡିଥାଏ ଏବଂ ଏହିପରି ଭାବରେ ସମ୍ବିଧାନର ଅନୁଚ୍ଛେଦ 31 (2) ଦ୍ୱାରା ପ୍ରଭାବିତ ହୁଏ ।

1954
ରାଜସ୍ଥାନ ରାଜ୍ୟ
ବନାମ
ନାଥ୍ ମଲ୍ ଏବଂ ମିଥା ମଲ୍
ନ୍ୟାୟାଧୀଶ ଗୁଲାମ୍ ହସନ୍

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 136/1952 ।

ଡି. ବି. ବିବିଧ ଆଜ୍ଞାଦେଶ ଆବେଦନ ସଂଖ୍ୟା 3/1951ରେ ରାଜସ୍ଥାନ ପାଇଁ ଯୋଧପୁର ଉଚ୍ଚ ନ୍ୟାୟାଳୟର 19 ଅକ୍ଟୋବର, 1951ରେ ଦିଆଯାଇଥିବା ବିଚାର ଏବଂ ଆଦେଶରୁ ଭାରତର ସମ୍ବିଧାନ ଅନୁଚ୍ଛେଦ 132 (1) ଏବଂ 133 (1) (c) ଅନୁଯାୟୀ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ *ରାଜସ୍ଥାନର ମହାଧିବକ୍ତା କେ. ଏସ୍. ହାଜେଲା* ।

ଉତ୍ତରଦାତାମାନଙ୍କ ପାଇଁ *କେ. ଏନ୍. ଅଗ୍ରୱାଲ ଏବଂ ପି. ସି. ଅଗ୍ରୱାଲ ।*

ହସ୍ତକ୍ଷେପକାରୀ(ଭାରତ ସଂଘ)ଙ୍କ ପାଇଁ ଭାରତର ଆଟର୍ଣ୍ଣି-ଜେନେରାଲ୍ଏ ମ୍. ସି. ସେତଲୱାଡ, (ତାଙ୍କ ସହିତ ପୋରସ୍ ଏ. ମେହେଟ୍ଟା) ।

1954 ମାର୍ଚ୍ଚ 12ରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

ନ୍ୟାୟାଧୀଶ ଗୁଲାମ୍ ହସନ୍ ଙ୍କ ଦ୍ୱାରା - ଏହି ଆବେଦନରେ ଜଡିତ ପ୍ରଶ୍ନ ରାଜସ୍ଥାନ ଖାଦ୍ୟଶସ୍ୟ ନିୟନ୍ତ୍ରଣ ଆଦେଶ 1949 ର ଖଣ୍ଡ 25 ର ସାମ୍ବିଧାନିକ ବୈଧତା ସହିତ ଜଡିତ, ଯାହାକୁ ଏହାପରଠାରୁ ନିୟନ୍ତ୍ରଣ ଆଦେଶ କୁହାଯାଏ ଏବଂ ନିମ୍ନଲିଖିତ ପରିସ୍ଥିତିରେ ଏହା ଉତ୍ପନ୍ନ ହୁଏ :-

ରାଜସ୍ଥାନ ରାଜ୍ୟର ଯୋଧପୁର ଡିଭିଜନର ରାଣୀୱାରାରେ ଶସ୍ୟ ବ୍ୟବସାୟୀ ଭାବେ କାର୍ଯ୍ୟ କରୁଥିବା ଏହି ଉତ୍ତରଦାତାମାନେ ଖାଦ୍ୟ ଶସ୍ୟ ବ୍ୟବସାୟ ପାଇଁ ଅନୁମତିପତ୍ର ପାଇଛନ୍ତି । ସାଧାରଣ ବ୍ୟବସାୟରେ ସେମାନେ ଯଥେଷ୍ଟ ପରିମାଣର ବାଜରା ମହଜୁଦ୍ ରଖିଥିଲେ କିନ୍ତୁ 7 ଅକ୍ଟୋବର 1950 ରେ, ସେମାନଙ୍କର ମହଜୁଦ୍ ଉପଖଣ୍ଡ ଅଧିକାରୀଙ୍କ ମାଧ୍ୟମରେ ଯୋଧପୁରର ବେସାମରିକ ଯୋଗାଣ ବିଭାଗର ଉପଆୟୁକ୍ତଙ୍କ ଦ୍ୱାରା ଜବତ କରାଯାଇଥିଲା । ଏହା ବିବାଦୀୟ ନୁହେଁ ଯେ ସେତେବେଳେ ବଜାର ଦର ମାଉଣ୍ଡ ପିଛା ପ୍ରାୟ 18 ଟଙ୍କା ଥିଲା । କିନ୍ତୁ ରାଜ୍ୟ ସରକାର ମାଉଣ୍ଡ ପିଛା 9 ଟଙ୍କା ଦରରେ ମହଜୁଦ୍ କୁ ଜବତ କରି 13-5-4 ଟଙ୍କାରେ ବିକ୍ରି କରିଥିଲେ । ଉତ୍ତରଦାତାମାନେ ଦାବି କରିଥିଲେ ଯେ ସେମାନେ ବାଜରା ପ୍ରଚଳିତ ବଜାର ଦରରେ 17 ରୁ 18 ଟଙ୍କା ମାଉଣ୍ଡ ପିଛା ଦରରେ କିଣିଥିଲେ । ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ 1951 ମସିହା ଜାନୁଆରୀ 23 ତାରିଖ ଦିନ ସେମାନେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଜାରି କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଏହି ଆବେଦନରେ ସେମାନେ କହିଥିଲେ ଯେ, ଯେଉଁଥିରେ ଯୁକ୍ତି ଦର୍ଶାଯାଇଥିଲା ଯେ ନିୟନ୍ତ୍ରଣ ଆଦେଶର ଖଣ୍ଡ 25 ସମ୍ବିଧାନର ଅନୁଚ୍ଛେଦ 14,19 (1) (g) ଏବଂ 31 (2) ଅନୁଯାୟୀ ଅବୈଧ । ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ ଖଣ୍ଡ 25 ଅବୈଧ ଅଟେ କାରଣ ଏହା ସମ୍ବିଧାନର ଅନୁଚ୍ଛେଦ 19 (1) (g) ଅନୁଯାୟୀ ବ୍ୟବସାୟ ଚଳାଇବା

1954
ରାଜସ୍ଥାନ ରାଜ୍ୟ
ବନାମ
ନାଥ୍ ମଲ୍ ଏବଂ ମିଥା ମଲ୍
ନ୍ୟାୟାଧୀଶ ଗୁଲାମ୍ ହସନ୍

ପାଇଁ ଉତ୍ତରଦାତାମାନଙ୍କ ମୌଳିକ ଅଧିକାର ଉପରେ ପ୍ରତିବନ୍ଧକ ଅଟେ, ଏହି ପ୍ରତିବନ୍ଧକ ଯୁକ୍ତିଯୁକ୍ତ ନୁହେଁ ଏବଂ ଅନୁଚ୍ଛେଦ 19ର ଖଣ୍ଡ (6) ଦ୍ୱାରା ସଂରକ୍ଷିତ ନୁହେଁ । ଉଚ୍ଚ ନ୍ୟାୟାଳୟ ଆହୁରି ମଧ୍ୟ ନିର୍ଣ୍ଣୟ ନେଇଥିଲେ ଯେ ଅନୁଚ୍ଛେଦ 31 (2) ଦ୍ୱାରା ଖଣ୍ଡ 25 ପ୍ରଭାବିତ ହୋଇଛି କାରଣ ଖାଦ୍ୟ ଶସ୍ୟର ଜବତ ପାଇଁ ନ୍ୟାୟସଙ୍ଗତ କ୍ଷତିପୂରଣ ଆଇନରେ ସ୍ଥିର କରାଯାଇନାହିଁ । ଯେହେତୁ ସରକାର ଏହି ଶସ୍ୟର ନିକାଶ କରିସାରିଥିଲେ, ତେଣୁ ଏକ ମାଉଣ୍ଡ ପାଇଁ 17 ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ଉଚିତ ବୋଲି ରାୟ ଦେଇ ଉଚ୍ଚ ନ୍ୟାୟାଳୟ ରାଜସ୍ଥାନ ରାଜ୍ୟକୁ ସେହି ହାରରେ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଉଚ୍ଚ ନ୍ୟାୟାଳୟ ଦେଇଥିବା ପ୍ରମାଣପତ୍ର ଉପରେ ରାଜ୍ୟ ଏହି ଆବେଦନକୁ ଆଗତ କରିଛି ।

ଆକ୍ଷେପିତ ଖଣ୍ଡ 25 ନିମ୍ନଲିଖିତ ଭାବରେ :-

"25.ଏହି ଆଦେଶରେ ଯେକୌଣସି ବିଷୟ ଥିବା ସତ୍ତ୍ୱେ, କମିଶନର, ନିର୍ଦ୍ଦେଶକ, ଉପଆୟୋଗୀ, ନାଜିମ, ସହାୟକ କମିଶନର, ଉପଖଣ୍ଡ ଅଧିକାରୀ, ଆଧିକାରିକ ଠିକାନାର ବରିଷ୍ଠ ଅଧିକାରୀ, ପ୍ରବର୍ତ୍ତନ ଅଧିକାରୀ କିମ୍ବା ଏହି ଉଦ୍ଦେଶ୍ୟରେ କମିଶନରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅନ୍ୟ ଅଧିକାରୀ, କୌଣସି ବ୍ୟକ୍ତିଙ୍କ ଦ୍ୱାରା ରଖାଯାଇଥିବା ଖାଦ୍ୟଶସ୍ୟର କୌଣସି ମହଜୁଦକୁ ନିଜ ତରଫରୁ ହେଉ କିମ୍ବା ନ ହେଉ ଜବତ କରିପାରିବେ ଏବଂ ଉକ୍ତ ବ୍ୟକ୍ତି ଏହିପରି ଜବତ ହୋଇଥିବା ଗଚ୍ଛିତ ମହଜୁଦ୍ ରୁ କୌଣସି ଖାଦ୍ୟଶସ୍ୟକୁ ଉକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା ନିକାଶ କରିପାରିବେ ନାହିଁ । ସରକାରୀ ସଂଗ୍ରହଣ ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ହାରରେ ଉକ୍ତ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଏପରି ମହଜୁଦଗୁଡିକୁ ଅଧିଗ୍ରହଣ କିମ୍ବା ନିକାଶ କରାଯିବା ପାଇଁ ମଧ୍ୟ ଦାୟୀ ରହିବ ।"

ଅତ୍ୟାବଶ୍ୟକୀୟ ଯୋଗାଣ ଅଧିନିୟମ (1946 ର ସଂଖ୍ୟା XXIV) ର ଅର୍ଥ ମଧ୍ୟରେ ବାଜରା ଏକ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ବୋଲି ବିବାଦ ନାହିଁ । ବିଚାର ପାଇଁ ଉଠୁଥିବା ପ୍ରଶ୍ନ ହେଉଛି ଯେ ଖଣ୍ଡ 25କୁ କେଉଁ ପର୍ଯ୍ୟନ୍ତ ଏବଂ କେଉଁ ଦୃଷ୍ଟିରୁ ସମ୍ବିଧାନର ଭାଗ III ର ଉଲ୍ଲଂଘନ ଭାବରେ ଅବୈଧ ବୋଲି କୁହାଯାଇପାରିବ । ଖଣ୍ଡଟି କମିଶନର ଏବଂ ସେଥିରେ ଉଲ୍ଲିଖିତ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ଏବଂ କମିଶନରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅନ୍ୟ ଅଧିକାରୀମାନଙ୍କୁ ଜଣେ ବ୍ୟକ୍ତିଙ୍କ ଦ୍ୱାରା ରଖାଯାଇଥିବା ଖାଦ୍ୟଶସ୍ୟର ଯେକୌଣସି ମହଜୁଦର ଜବତ କରିବାକୁ କ୍ଷମତା ପ୍ରଦାନ କରେ । ଏହା ସତ୍ୟ ଯେ, କମିଶନର ତାଙ୍କ ବିଚାରନୁଯାୟୀ ଅନ୍ୟ ଅଧିକାରୀଙ୍କୁ ନିଜ କ୍ଷମତା ହସ୍ତାନ୍ତର କରିବାର କର୍ତ୍ତୃତ୍ୱ କିଛି ମାତ୍ରାରେ ବ୍ୟାପକ ଭାବେ ପ୍ରକାଶିତ ହୋଇଛି, କିନ୍ତୁ ଆମକୁ ଏହା ନିଷ୍ପତ୍ତି ନେବାର ଆବଶ୍ୟକତା ନାହିଁ ଯେ ଏହା ଧାରାଟିକୁ ଅବୈଧ କରିବା ପାଇଁ ଯଥେଷ୍ଟ ହେବ ।

ସ୍ୱୀକାରଯୋଗ୍ୟ ଯେ ବର୍ତ୍ତମାନର ମାମଲାରେ ସେହି କ୍ଷମତାର ପ୍ରୟୋଗ କରାଯାଇ ନାହିଁ । ଆମେ ଏହା ମଧ୍ୟ ଭାବୁନାହୁଁ ଯେ ଖାଦ୍ୟଶସ୍ୟର ମହଜୁଦ୍ କୁ ଜବତ ରଖିବାର କ୍ଷମତା ସ୍ୱେଚ୍ଛାଚାରୀ କିମ୍ବା କୌଣସି ଯୁକ୍ତିଯୁକ୍ତ ପ୍ରସଙ୍ଗ ଉପରେ ଆଧାରିତ ନୁହେଁ । ଏହା ବିବାଦୀୟ ନୁହେଁ ଯେ ଏହି ଖଣ୍ଡରେ କେଉଁ ପରିସ୍ଥିତିରେ କିମ୍ବା କେଉଁ ଆଧାରରେ ମହଜୁଦ୍ କୁ ଜବତ କରାଯାଇପାରିବ ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇନାହିଁ, କିନ୍ତୁ ଏହାକୁ ଅତ୍ୟାବଶ୍ୟକ ଯୋଗାଣ ଅଧିନିୟମର ଧାରା 3 ସହିତ ପଠନ କରାଯିବା ଉଚିତ, ଯାହା ଅତ୍ୟାବଶ୍ୟକ ସାମଗ୍ରୀର ଉତ୍ପାଦନ, ଯୋଗାଣ ଏବଂ ବିତରଣକୁ ନିୟନ୍ତ୍ରଣ କରିବା ପାଇଁ ନୀତି ନିର୍ଦ୍ଧାରଣ କରେ । ଧାରା 3 ଯେପର୍ଯ୍ୟନ୍ତ ପ୍ରାସଙ୍ଗିକ ସେପର୍ଯ୍ୟନ୍ତ ଏହା ଦର୍ଶାଏ :-

"କୌଣସି ଅତ୍ୟାବଶ୍ୟକ ଦ୍ରବ୍ୟର ଯୋଗାଣକୁ ବଜାୟ ରଖିବା କିମ୍ବା ବୃଦ୍ଧି କରିବା କିମ୍ବା ଉଚିତ ମୂଲ୍ୟରେ ସେଗୁଡ଼ିକର ନ୍ୟାୟସଙ୍ଗତ ବଣ୍ଟନ ଏବଂ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ଯେତେଦୂର ଆବଶ୍ୟକ କିମ୍ବା ସମୀଚୀନ ବୋଲି ବିବେଚନା କରନ୍ତି, ଆଦେଶ ଦ୍ୱାରା ଏହାର ଉତ୍ପାଦନ, ଯୋଗାଣ ଏବଂ ବିତରଣକୁ ନିୟନ୍ତ୍ରଣ କିମ୍ବା ନିଷେଧ କରିବା ପାଇଁ ବ୍ୟବସ୍ଥା କରିପାରିବେ............."

ଉପଧାରା (2) ରେ ଉଲ୍ଲେଖ ରହିଛି :-

"ଉପଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତାଗୁଡିକର ସାର୍ବଜନୀନତାକୁ କ୍ଷୁର୍ଣ୍ଣ ନକରି, ଏବଂ ଏହା ଅଧୀନରେ ଦିଆଯାଇଥିବା ଏକ ଆଦେଶରେ ବ୍ୟବସ୍ଥା କରାଯାଇପାରିବ -----------

(a)........................

(b).........................

(c)..........................

(d) କୌଣସି ଅତ୍ୟାବଶ୍ୟକ ସାମଗ୍ରୀର ସଂରକ୍ଷଣ, ପରିବହନ, ବିତରଣ, ନିଷ୍ପାଦନ, ଅଧିଗ୍ରହଣ, ବ୍ୟବହାର କିମ୍ବା ଉପଭୋଗକୁ ଅନୁମତିପତ୍ର, ସ୍ୱୀକୃତି କିମ୍ବା ଅନ୍ୟ କୌଣସି ଉପାୟରେ ନିୟନ୍ତ୍ରଣ କରିବା;

(e) ସାଧାରଣତଃ ବିକ୍ରୟ ପାଇଁ ରଖାଯାଉଥିବା ଯେକୌଣସି ଅତ୍ୟାବଶ୍ୟକୀୟ ଦ୍ରବ୍ୟର ବିକ୍ରୟରୁ ନିଷିଦ୍ଧ କରିବା ପାଇଁ;

............................................"

ତେଣୁ ଆମେ ନିଶ୍ଚିନ୍ତ ଯେ ଗଚ୍ଛିତ ଖାଦ୍ୟଶସ୍ୟର ଭଣ୍ଡାରକୁ ଜବତ ରଖିବା ଅଧିନିୟମ ଦ୍ୱାରା ପ୍ରାପ୍ତ କରାଯିବାକୁ ଥିବା ଉଦ୍ଦେଶ୍ୟ ସହିତ ଯୁକ୍ତିଯୁକ୍ତ ଭାବେ ଜଡିତ, ଯେପରି ଉଚିତ ମୂଲ୍ୟରେ ନ୍ୟାୟସଙ୍ଗତ ବିତରଣ ଏବଂ ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ଖାଦ୍ୟଶସ୍ୟ ଭଳି ଏକ ଅତ୍ୟାବଶ୍ୟକ ଦ୍ରବ୍ୟର ପରିବହନ, ବିତରଣ, ନିଷ୍ପାଦନ ଏବଂ ଅଧିଗ୍ରହଣକୁ ନିୟନ୍ତ୍ରଣ କରିବା ।

1954
ରାଜସ୍ଥାନ ରାଜ୍ୟ
ବନାମ
ନାଥ୍ ମଲ୍ ଏବଂ ମିଥା ମଲ୍
ନ୍ୟାୟାଧୀଶ ଗୁଲାମ୍ ହସନ୍

ଅନୁଚ୍ଛେଦ 19 (1) (g) ଅନୁଯାୟୀ ଖଣ୍ଡ 25ର ପ୍ରଥମ ଭାଗ ଅସିଦ୍ଧ ତାହା ଆମେ ଉଚ୍ଚ ନ୍ୟାୟାଳୟଙ୍କ ସହ ସହମତ ନୁହଁ।

ଖଣ୍ଡ 25ର ଶେଷ ଭାଗରେ ଉଲ୍ଲେଖ ରହିଛି ଯେ,"ସରକାରୀ କ୍ରୟ ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ହାରରେ ଉକ୍ତ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଏପରି ମହଜୁଦ୍ ମଧ୍ୟ ଅଧିଗ୍ରହଣ କିମ୍ବା ନିଷ୍ପାଦାନର ଉତ୍ତରଦାୟୀ ରହିବ",ତଥାପି ଏକ ଭିନ୍ନ ଭିତ୍ତିଭୂମିରେ ରହିଛି । ଏହି ଖଣ୍ଡ ଅନୁଯାୟୀ ସରକାର ନିଜ ନିର୍ଦ୍ଧାରିତ ଦରରେ ମହଜୁଦ୍ ଗୁଡିକର ଅଧିଗ୍ରହଣ କରିବା ଏବଂ ସ୍ୱଇଚ୍ଛାରେ  ସେସବୁ ମହଜୁଦ୍ ଗୁଡିକୁ ନିଷ୍ପାଦନ କରିବା ପାଇଁ ସମ୍ପୂର୍ଣ୍ଣ ଅଧିକାର ପାଇଛନ୍ତି । ଏହା ସ୍ପଷ୍ଟ ଭାବେ ଖାଦ୍ୟ ଶସ୍ୟର ମହଜୁଦକୁ ସ୍ୱେଚ୍ଛାଚାରୀ ମୂଲ୍ୟରେ ଅଧିଗ୍ରହଣ କରିବା ପାଇଁ  ଏକ ଅସୀମିତ କ୍ଷମତା ପ୍ରଦାନ କରେ । ଏହି ବ୍ୟବସ୍ଥାର ବିରୋଧରେ ଆମେ ନିୟନ୍ତ୍ରଣ ଆଦେଶର ଖଣ୍ଡ 23 ଏବଂ 24କୁ ଉଲ୍ଲେଖ କରିପାରିବା । ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ --

"23.ଆୟୁକ୍ତ କିମ୍ବା ନିର୍ଦ୍ଦେଶକ, ଏବଂ ଉପଆୟୁକ୍ତ କିମ୍ବା ନିର୍ଦ୍ଦେଶକଙ୍କ ଅନୁମୋଦନ କ୍ରମେ ଅଧିକାରିକ  ଠିକାନାର ବରିଷ୍ଠ ଅଧିକାରୀ ଏହି ଆଦେଶ ଲାଗୁ ହେଉଥିବା ଯେକୌଣସି ଅଞ୍ଚଳରେ ଖାଦ୍ୟ ଶସ୍ୟର ବିକ୍ରୟ ପାଇଁ ସର୍ବୋଚ୍ଚ ମୂଲ୍ୟ ନିର୍ଦ୍ଧାରଣ କରିପାରିବେ ଏବଂ ସମୟ ସମୟରେ ଏହି ମୂଲ୍ୟ ପରିବର୍ତ୍ତନ କରିପାରିବେ ।

"24.ଆୟୁକ୍ତ, ନିର୍ଦ୍ଦେଶକ, ଉପଆୟୁକ୍ତ, ନାଜିମ, ସହାୟକ ଆୟୁକ୍ତ, ଉପଖଣ୍ଡ ଅଧିକାରୀ, କିମ୍ବା ଅଧିକାରିକ ଠିକାନାର ବରିଷ୍ଠ ଅଧିକାରୀ, ଯଥାସ୍ଥିତି ଦଖଲରେ ଥିବା କୌଣସି ବ୍ୟକ୍ତି କିମ୍ବା ବ୍ୟକ୍ତିମାନଙ୍କୁ ନିର୍ଦ୍ଦେଶ ଦେଇପାରିବେ, ତାହା ତାଙ୍କ ତରଫରୁ ହେଉ କିମ୍ବା ନ ହେଉ ଏବଂ ଖଣ୍ଡ 23 ଅନୁଯାୟୀ ସ୍ଥିର କରାଯାଇଥିବା ମୂଲ୍ୟରେ କୌଣସି ବ୍ୟକ୍ତି କିମ୍ବା ବ୍ୟକ୍ତିମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଏହିପରି ଖାଦ୍ୟଶସ୍ୟ କିମ୍ବା ଏହାର କିଛି ଅଂଶ ବିକ୍ରୟ କରିବାକୁ ନିର୍ଦ୍ଦେଶ ଦେଇପାରିବେ।"

ଏହି ଖଣ୍ଡଗୁଡ଼ିକରୁ ଜଣାପଡ଼େ ଯେ ବ୍ୟବସାୟୀମାନଙ୍କ ଦ୍ୱାରା ବଜାରରେ ଖାଦ୍ୟଶସ୍ୟ ବିକ୍ରି କରିବାର ସର୍ବୋଚ୍ଚ ମୂଲ୍ୟ କର୍ତ୍ତୃପକ୍ଷ ନିର୍ଦ୍ଧାରଣ କରିପାରିବେ ଏବଂ ଖାଦ୍ୟଶସ୍ୟ ରଖିଥିବା ଯେକୌଣସି ବ୍ୟକ୍ତିଙ୍କୁ ଖଣ୍ଡ 23 ଅନୁଯାୟୀ ନିର୍ଦ୍ଧାରିତ ମୂଲ୍ୟରେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ବିକ୍ରୟ କରିବାକୁ ନିର୍ଦ୍ଦେଶ ଦେଇପାରିବେ, ମହଜୁଦ୍ ହାସଲ କରିବା ପାଇଁ ସରକାରଙ୍କ କ୍ଷମତା ଉପରେ ଏପରି କୌଣସି ସୀମାବନ୍ଧନ ନାହିଁ  । ଅନ୍ୟ ଅର୍ଥରେ, ସର୍ବୋଚ୍ଚ ମୂଲ୍ୟଠାରୁ କମ୍ ମୂଲ୍ୟରେ ମହଜୁଦ୍ ଅଧିଗ୍ରହଣ କରିବା ସରକାରଙ୍କ ପାଇଁ ଉନ୍ମୁକ୍ତ ରହିବ, ଯାହାଦ୍ୱାରା ସେହି ବ୍ୟକ୍ତିମାନଙ୍କର କ୍ଷତି ହେବ ଯେଉଁମାନଙ୍କର ମହଜୁଦ୍ ଜବତ ହୋଇଛି ଏବଂ ସେହି ସମୟରେ ସରକାର ସେହି ମହଜୁଦ୍ ଗୁଡ଼ିକୁ

ଅଧିକ ମୂଲ୍ୟରେ ବିକ୍ରି କରିବା ଏବଂ ଲାଭ ଅର୍ଜନ କରିବା ପାଇଁ ସ୍ୱାଧୀନ। ଏହା ସ୍ପଷ୍ଟ ଯେ ଯେଉଁ ବ୍ୟବସାୟୀଙ୍କର ମହଜୁଦ୍ ଏହିପରି ଜବତ ହୋଇଛି, ସେ ଯଥେଷ୍ଟ କ୍ଷତି ସହିବ ଏବଂ ପ୍ରଚଳିତ ବଜାର ମୂଲ୍ୟରେ ନିଜର ବାଣିଜ୍ୟ କିମ୍ବା ବ୍ୟବସାୟ ଜାରି ରଖିବାରେ ଅସମର୍ଥ ହେବ। କୌଣସି ବ୍ୟବସାୟୀ ବଜାର ମୂଲ୍ୟରେ ଖାଦ୍ୟଶସ୍ୟ କିଣିବାକୁ ପ୍ରସ୍ତୁତ ରହିବେ ନାହିଁ, ଯେତେବେଳେ ସେ ଜାଣିବେ ଯେ ତାଙ୍କ ମହଜୁଦ୍ ଯେ କୌଣସି ମୁହୂର୍ତ୍ତରେ ଜବତ ହେବାର ବିପଦ ରହିଛି ଏବଂ ସଂଗ୍ରହଣ ହାରରେ ତାହା ଅଧିଗ୍ରହଣ କରାଯାଉଛି । ବର୍ତ୍ତମାନ ଏହା ଏକ ବିଶେଷ ମାମଲା ଯାହା ଦର୍ଶାଏ ଯେ କିପରି ଜଣେ ଶସ୍ୟ ବ୍ୟବସାୟୀଙ୍କ ବ୍ୟବସାୟକୁ ସ୍ଥାଣୁ କରାଯାଇପାରେ, କାରଣ ଏହା ସ୍ୱୀକାର କରାଯାଏ ଯେ ଯେତେବେଳେ ସରକାରୀ ସଂଗ୍ରହଣ ହାର ପ୍ରତି ମାଉଣ୍ଡ ପିଛା 9 ଟଙ୍କା ଥିବାବେଳେ ବଜାର ଦର ପ୍ରତି ମାଉଣ୍ଡ ପିଛା 17 କିମ୍ବା 18 ଟଙ୍କା ଥିଲା, ଯାହାର ଫଳସ୍ୱରୂପ ମହଜୁଦ୍ ବ୍ୟବସାୟୀଙ୍କୁ ପ୍ରାୟ ଶତପ୍ରତିଶତ କ୍ଷତି ସହିବାକୁ ପଡିଥିଲା, ଯେତେବେଳେ କି ସରକାର ଅଧିଗ୍ରହଣ ମହଜୁଦ୍ ଉପରେ ପ୍ରତି ମାଉଣ୍ଡ ପିଛା 4-5-4 ଟଙ୍କା ଲାଭ କରିଥିଲେ । ତେଣୁ ଆମେ ବିଚାର କରୁ ଯେ ଖଣ୍ଡ 25ର ଶେଷ ଭାଗ ବାଣିଜ୍ୟ କିମ୍ବା ବ୍ୟବସାୟ ଚଳାଇବା ଉପରେ ଏକ ଅଯୌକ୍ତିକ ପ୍ରତିବନ୍ଧକ ଲଗାଇଛି ଏବଂ ସମ୍ବିଧାନର ଅନୁଚ୍ଛେଦ 19 (1) (g) ଅନୁଯାୟୀ ଉତ୍ତରଦାତାର ଅଧିକାରର ଉଲ୍ଲଂଘନ ହୋଇଛି ଏବଂ ତେଣୁ ଏହି ପରିପ୍ରେକ୍ଷୀରେ ଏହା ଅବୈଧ ଅଟେ । ଯଦି ଅନୁଚ୍ଛେଦ 31 (2) ର ଆଧାରରେ ଆକ୍ଷେପିତ ଖଣ୍ଡକୁ ତର୍ଜମା କରାଯାଏ ତେବେ ସମାନ ପରିଣାମକୁ ଏହା ଅନୁସରଣ କରେ । କୌଣସି ମୂଲ୍ୟରେ ମହଜୁଦଗୁଡିକୁ ହାସଲ କରିବା ପାଇଁ କର୍ତ୍ତୃପକ୍ଷକୁ କ୍ଷମତା ପ୍ରଦାନ କରି ଖଣ୍ଡ କ୍ଷତିପୂରଣର ପରିମାଣ ନିର୍ଦ୍ଧାରଣ କରିବାରେ କିମ୍ବା କ୍ଷତିପୂରଣ କେଉଁ ନୀତି ଉପରେ ସ୍ଥିର କରାଯିବ ତାହା ନିର୍ଦ୍ଦିଷ୍ଟ କରିବାରେ ବିଫଳ ହୁଏ । ଏହି ଖଣ୍ଡ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷଙ୍କୁ ତାଙ୍କ ଇଚ୍ଛାମତେ ସେ ଚାହୁଁଥିବା କୌଣସି କ୍ଷତିପୂରଣ ନିର୍ଦ୍ଧାରଣ କରିବାକୁ ତାଙ୍କ ଉପରେ ଛାଡ଼ିଥାଏ । ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ନିର୍ଣ୍ଣୟ ନେଇଥିଲେ ଯେ ଏହି ଖଣ୍ଡ ଅନୁଚ୍ଛେଦ 31(2)ର ବିରୁଦ୍ଧରେ ଆକ୍ଷେପ କରେ ।

ଉପରୋକ୍ତ କାରଣଗୁଡିକ ପାଇଁ ଆମେ ବିଚାର କରୁ ଯେ ଖଣ୍ଡ 25 ର ଶେଷ ଭାଗଟି ଅସିଦ୍ଧ ଏବଂ ଖର୍ଚ୍ଚ ସହିତ ଏହି ଆବେଦନକୁ ଖାରଜ କଲୁ ।

ଆବେଦନକୁ ଖାରଜ କରାଗଲା ।

ଆବେଦନକାରୀଙ୍କ ପାଇଁ ଏବଂ ହସ୍ତକ୍ଷେପକାରୀଙ୍କ ପ୍ରତିନିଧିଙ୍କ ପାଇଁ : ଆର୍. ଏଚ୍. ଢେବର ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।